# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 July – 2025

*************************************

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ  ମୁଲତବୀ
- କୋରାପୁଟ ଜିଲ୍ଲା ଜୟପୁରରୁ ଆସନ୍ତା ରାକ୍ଷୀପୂର୍ଣ୍ଣିମାରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଅର୍ଥରାଶି ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ
- ରାଜ୍ୟର ସମସ୍ତ କଲେଜରେ ମାସକ ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ନେଇ ସରକାରଙ୍କ ନିର୍ଦ୍ଦେଶ
- ଓ.ଟି.ଇ.ଟି ପରୀକ୍ଷା ନେଇ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବିଜ୍ଞପ୍ତି; କହିଲେ ଗଣଶିକ୍ଷା ମନ୍ତ୍ରୀ

ଏବଂ

- ପର୍ଯ୍ୟଟକଙ୍କ ପାଇଁ ଆସନ୍ତାକାଲିଠାରୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ

*Desk*

# ଏଲଏସ୍-ଆର୍ଏସ୍ : ଆଡ୍ଜର୍ଣ୍ଣ

ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ରାଜ୍ୟସଭା ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପୂର୍ବାହ୍ନ ୧୧ଟାରେ ରାଜ୍ୟସଭା ଅଧିବେଶନ ଆରମ୍ଭ ହେବା ପରେ ନିସାର ଉପଗ୍ରହର ସଫଳ ଉତ୍କ୍ଷେପଣ ନେଇ ଗୃହରେ ଉପାଧକ୍ଷ ଶ୍ରୀ ହରିବଂଶ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଭିନ୍ନ ପ୍ରସଙ୍ଗ ନେଇ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ହସ୍ତଗତ ହୋଇଥିବା ୨୮ଟି ମୁଲତବୀ ନୋଟିସ୍‌କୁ ପ୍ରତ୍ୟାଖାନ କରାଯାଇଥିବା ଉପାଧ୍ୟକ୍ଷ ହରିବଂଶ କହିଛନ୍ତି। ଏହା ପରେ ଉପାଧ୍ୟକ୍ଷ ଶୂନ୍ୟକାଳ ଆରମ୍ଭ କରିବାକୁ ସବୁ ଦଳର ସହଯୋଗ ଲୋଡ଼ିଥିଲେ। ତେବେ ବିରୋଧୀ ସଦସ୍ୟମାନେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରତ୍ୟାହାର ଦାବି କରି ଗୃହରେ ହଟ୍ଟଗୋଳ ଆରମ୍ଭ କରିଥିଲେ । ଗୃହକାର୍ଯ୍ୟ ସ୍ୱାଭାବିକ ନ ହେବାରୁ ଶ୍ରୀ ହରିବଂଶ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଗୃହ ଆରମ୍ଭ ହେବାମାତ୍ରେ ପୁନର୍ବାର ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିବାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା। ଏହାପରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ହଟ୍ଟଗୋଳ ପରିସ୍ଥିତି ଲାଗି ରହିଥିଲା।

ଲୋକସଭାରେ ମଧ୍ୟ ଆଜି ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ନିସାର୍ ଉପଗ୍ରହର ସଫଳ ଉତ୍କ୍ଷେପଣ ନେଇ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଏହା ପରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ  ଗୃହ ମଧ୍ୟଭାଗକୁ ଚାଲିଆସି ବିଭିନ୍ନ ପ୍ରସଙ୍ଗ ନେଇ ହଟ୍ଟଗୋଳ ଆରମ୍ଭ କରିଥିଲେ । ଫଳରେ ଶ୍ରୀ ବିର୍ଲା ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ପରେ ଗୃହ କାର୍ଯ୍ୟ ଆରମ୍ଭ ହେବାର କିଛି ସମୟ ମଧରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଅରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଛି।

***HS***

## ସୁଭଦ୍ରା ଯୋଜନା କିସ୍ତି

ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଅର୍ଥରାଶି ଆସନ୍ତା ରାକ୍ଷୀ ପୂର୍ଣ୍ଣିମାରେ କୋରାପୁଟ ଜିଲ୍ଲା ଜୟପୁରରୁ ଶୁଭାରମ୍ଭ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା  ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏକକାଳୀନ କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଅର୍ଥରାଶି  ବଣ୍ଟନ କରିବେ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଭଦ୍ରା ଯୋଜନା ଟଙ୍କା ଉପଯୋଗକୁ ନେଇ ସରକାର ସମୀକ୍ଷା କରିଛନ୍ତି। ଗତ ୧୨ ଦିନ ମଧ୍ୟରେ ୭ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ମତାମତ ସଂଗ୍ରହ କରାଯାଇଛି। ସୁଭଦ୍ରା

ଅର୍ଥରାଶିର ଉପଯୁକ୍ତ ବିନିଯୋଗକୁ ନେଇ ମତାମତ ନେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ୨୧ ବର୍ଷ ପୂରଣ ହେବା ପରେ ଯୁବତୀ ଏହି ଯୋଜନାରେ ସାମିଲ କରାଯିବ ଏବଂ ଗତ ମାର୍ଚ୍ଚ ମାସ ୩୦ ତାରିଖ ସୁଦ୍ଧା ୬୦ ବର୍ଷ ଅତିକ୍ରମ କରିଥିଲେ ସୁଭଦ୍ରା ଯୋଜନାରୁ ବାଦ ଦିଆଯିବ ବୋଲି ବୈଠକରୁ ସୂଚନା ମିଳିଛି। ଯୋଜନାରୁ ବାଦ ପଡ଼ିଥିବା ୨ ଲକ୍ଷ ମହିଳାଙ୍କୁ ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ। ସେମାନଙ୍କ ତଥ୍ୟ ଯାଞ୍ଚ କରାଯାଇ ଯୋଗ୍ୟ ବିବେଚିତ ମହିଳାଙ୍କୁ ସରକାର ସୁଭଦ୍ରା ଟଙ୍କା ପ୍ରଦାନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

***Desk***

## ଓ.ଟି.ଇ.ଟି. ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଓ.ଟି.ଇ.ଟି. ପରୀକ୍ଷା ନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ  ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶ୍ରୀ ଗଣ୍ଡ କହିଛନ୍ତି, ଆଗାମୀ ଦିନରେ ପରୀକ୍ଷା କିପରି ସ୍ୱଚ୍ଛତାର ସହ କରାଯିବ, ସେ ନେଇ ଆଲୋଚନା ଜାରି ରହିଛି। ଓ.ଟି.ଇ.ଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସାମିଲ ଥିବା ୬ ଜଣ ଅଭିଯୁକ୍ତଙ୍କୁ ଓଡ଼ିଶା ପୁଲିସର କ୍ରାଇମବ୍ରାଞ୍ଚ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

**- V/O -**

ପୂର୍ବରୁ ଓଟିଇଟି ପରୀକ୍ଷା ବାତିଲ ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବୋର୍ଡ କାର୍ଯ୍ୟାଳୟର ଅତିରିକ୍ତ ସଚିବଙ୍କ ସମେତ ୬ ଅଧିକାରୀଙ୍କ ବଦଳି ହୋଇଥିଲା। ଗତ ୨୦ ତାରିଖରେ ଓଟିଇଟି ପରୀକ୍ଷା ହେବା ପାଇଁ ସ୍ଥିର ହୋଇଥିଲା। ମାତ୍ର ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ବୋର୍ଡ ପକ୍ଷରୁ ସ୍ଥଗିତ ରଖାଯାଇଥିଲା।

***Desk***

# ସି ବକ୍ସ ପୋର୍ଟାଲ

ରାଜ୍ୟର ସମସ୍ତ କଲେଜରେ ମାସକ ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି– ଆଇସିସି ଗଠନ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି, ମାସକ ମଧ୍ୟରେ ସମସ୍ତ କଲେଜରେ ଆଇ.ସି.ସି. କମିଟି ଗଠନ ନ ହେଲେ କଲେଜ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ କରାଯିବ। କୌଣସି ମାମଲାରେ ଭୁଲ୍ ଅଭିଯୋଗ କଲେ ସମ୍ପୃକ୍ତ ଅଭିଯୋଗକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନ ମହାବିଦ୍ୟାଳୟ ଗୁଡ଼ିକର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତଥ୍ୟ ସି ବକ୍ସ ପୋର୍ଟାଲ୍‌ରେ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ ଯୁଗ୍ମ ସଚିବ ଏ ନେଇ ସମସ୍ତ ମହାବିଦ୍ୟାଳୟକୁ ଅବଗତ କରାଇଛନ୍ତି । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ସି ବକ୍ସ ପୋର୍ଟାଲରେ ଆସନ୍ତାକାଲି

ସୁଦ୍ଧା ସମସ୍ତ ତଥ୍ୟ ଅପ୍‌ଲୋଡ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି ।

***Desk***

## ବ୍ୟାଙ୍କିଙ୍ଗ୍ ଲ

ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଆସନ୍ତାକାଲିଠାରୁ ବ୍ୟାଙ୍କିଙ୍ଗ୍ ନିୟମ ସଂଶୋଧନ୍ ଆଇନ୍ ୨୦୨୫ ଲାଗୁ ହେବ। ପୁଞ୍ଜିନିବେଶକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଆଇନ୍ ପ୍ରଣୟନ କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଆଇନ୍ ସମ୍ପର୍କିତ ବିଜ୍ଞପ୍ତି ଚଳିତ ବର୍ଷ ଏପ୍ରିଲ୍ ୧୫ ତାରିଖରେ ପ୍ରକାଶ ପାଇଥିଲା।

***Desk***

## ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ପର୍ଯ୍ୟଟକମାନେ ପ୍ରଥମ ଥର ପାଇଁ ଭିତରକନିକାରେ ଲୁଣାଜାତୀୟ ଗଛର ଚାରାକୁ ହେନ୍ତାଳବଣ ନର୍ସରୀରେ ଦେଖିବା ସହିତ ବୋଟ୍ ଲାଇବ୍ରେରୀରେ ବିଭିନ୍ନ ଜୀବଜନ୍ତୁ ପରିବେଶ ମଧ୍ୟରେ ବହି ପଢ଼ିବାର ସୁଯୋଗ ପାଇପାରିବେ। ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ ବନବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କୁମ୍ଭୀର

ପ୍ରଜନନ ଋତୁ ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ଗତ ମଇ ମାସ ପହିଲାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୩ ମାସ ଧରି ବନ୍ଦ ରଖାଯାଇଛି ।

**Sonepur**

# ବାତଜ୍ୱର ନିରାକରଣ

ସୁବର୍ଣ୍ଣପୁର ଜିଲ୍ଲାରେ ବାତଜ୍ୱର ନିରାକରଣ ପାଇଁ ସାମୂହିକ ଔଷଧ ସେବନ ନିମନ୍ତେ ଦ୍ୱିତୀୟ ଜିଲ୍ଲା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାତଜ୍ୱର ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଆସନ୍ତା ମାସ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାରୁ ଏହାକୁ ସଠିକ୍ ଢଙ୍ଗରେ ପରିଚାଳନା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପରାମର୍ଶ ଦେଇଛନ୍ତି ।

***BHK***

## ବଜ୍ରପାତ ସଚେତନତା ରଥ

ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ  ଜିଲ୍ଲାରେ ବଜ୍ରପାତ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ।  ଜିଲ୍ଲାର ୭ଟି ବ୍ଲକରେ ୩୩ ଦିନ ଧରି ଏହି ରଥ ପରିକ୍ରମା କରି ଲୋକଙ୍କୁ ବଜ୍ରପାତରୁ ରକ୍ଷା ପାଇବା ପାଇଁ ସତର୍କତା ନିୟମ ପାଳନ କରିବାକୁ ସଚେତନ କରାଇବ ।

**Kendrapara**

# ସଡ଼କ ନିରାପତ୍ତା ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ସଡ଼କ ନିରାପତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦ୍ରୁତ ଗାଡ଼ି ଚାଳନା, ଓଭର୍ ଲୋଡିଂ ଓ ହେଲ୍‌ମେଟ୍ ଚେକିଂ ଆଦି ବିଷୟରେ ଆଲୋଚନା କରାଯିବା ସହ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି ।

***Desk***

## ପ୍ଲାଷ୍ଟିକ କଟକଣା

ରାଜ୍ୟର ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଉପରେ କଟକଣା ଜାରି କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତ ବିଭାଗ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରିବାକୁ ସମସ୍ତ ବିଭାଗର ସଚିବ, ପ୍ରମୁଖ ଶାସନ ସଚିବ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ବୈଠକ, ସମ୍ମିଳନୀ ଏବଂ କର୍ମଶାଳାରେ ପ୍ଲାଷ୍ଟିକ ପାଣି ବୋତଲ ବ୍ୟବହାର ବନ୍ଦ କରିବାକୁ କୁହାଯାଇଛି। ପ୍ଲାଷ୍ଟିକର ବିକଳ୍ପ ଭାବେ ବାଉଁଶ କିମ୍ବା ମାଟି ବୋତଲ ବ୍ୟବହାର, ଥର୍ମୋକୁଲ ପ୍ଲେଟ, ଟ୍ରେ, କପ୍, ଗ୍ଲାସ ଆଦି ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଛି। ପୂର୍ବରୁ ଏ ନେଇ ୨୦୧୯ ମସିହାରେ ରାଜ୍ୟ ସରକାର ଏବଂ ୨୦୨୨ ମସିହାରେ କେନ୍ଦ୍ର ସରକାର କଟକଣା ଜାରି କରିଛନ୍ତି।

***BHK/Desk***

# ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟାଯାଏଁ ୨୦ଟି ଜିଲ୍ଲାକୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । କେନ୍ଦ୍ରାପଡ଼ା ଜିଲ୍ଲା ଆଳିରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୮୨ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଗତ ଜୁନ୍ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ହାରାହାରି ୬୧୩ ଦଶମିକ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଭଦ୍ରକ ଜିଲ୍ଲା ଆଖୁଆପଦା ନିକଟରେ ଦିନ ଗୋଟାଏ ସୁଦ୍ଧା ଜଳସ୍ତର ୧୮ ଦଶମିକ ୧/୯ ମିଟର ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ହୀରାକୁଦ ଜଳଭଣ୍ଡାରରେ ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳସ୍ତର ୬୧୦ ଦଶମିକ ୩/୫ ଫୁଟ ରହିଥିଲା । ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାର ମଧ୍ୟକୁ ୮୪ ହଜାର ୨୮୬ ଘନଫୁଟ ଜଳ ପ୍ରବେଶ କରୁଛି । ସେହି ସମୟ ମଧ୍ୟରେ ୮ଟି ସ୍ଲୁଇସ୍ ଗେଟ୍ ଦେଇ ୧ ଲକ୍ଷ ୯୭ ହଜାର ୭୭୪ ଘନଫୁଟ ଜଳ ନିଷ୍କାସିତ ହେଉଛି ।